Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R Mohanty
Nodal Officer

**ସପ୍ତାହ –୫୨**

ନ.- ୨୨୦୭ (ଓଡିଆ ବୁଲେଟିନ)
ତାରିଖ- ୨୯.୧୨.୨୦୨୩

**(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପ ବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)**

**ବିଶେଷ ସୂଚନା**

- ଶିତ ଲହରୀ ରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ତଳିଘେରା କୁ ବୋରେୱେଲ ପାଣି ଦ୍ୱାରା ଜଳସେଚନ କରନ୍ତୁ ଏବଂ ଠିଆ ପାଣି କାଟି ଦେଇ ମାଟି କୁ ଓଦା ରଖନ୍ତୁ।
- ଡାଲୁଅ ଧାନ ର ବୁଣାବୁଣି କାର୍ଯ୍ୟ ଜାରି ରଖନ୍ତୁ ।
- ଧାନ ତଳିଘେରା କୁ ରାତ୍ରି ସମୟ ରେ ପଲିଥିନ ସାହାଯ୍ୟ ରେ ଘୋଡାଇ ରଖନ୍ତୁ ।
- ତଳିଘେରା କୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ ତଳିଘେରା ଉପରେ ଶୁଖିଲା ଗୋବର ଖତ ଗୁଣ୍ଡର ଏକ ପତଳା ଆସ୍ତରଣ ପକାନ୍ତୁ।
- ସକାଳ ଓ ସନ୍ଧ୍ୟା ସମୟରେ ରେ ଶୀତ ଦିନିଆ ପନିପରିବା ରେ ଜଳ ସେଚନ କରନ୍ତୁ ।
- ବିଳମ୍ବ ଶୀତ ଦିନିଆ କୋବି ଫସଲ ପାଇଁ ତଳି ପକାଉଥିଲେ ତଳିଘେରାର ତାପମାତ୍ରା ଅଧିକ ରଖିବା ପାଇଁ ବିହନ ଲଗାଇ ନଡା ଦ୍ୱାରା ଆଚ୍ଛାଦନ କରନ୍ତୁ କିମ୍ବା ପଲିଥିନ୍ ରେ ତଳିଘେରାକୁ ରାତି ସମୟରେ ଘୋଡାଇ ସକାଳୁ ବାହାର କରିଦିଅନ୍ତୁ|
- ବର୍ତ୍ତମାନ ପନିପରିବା ତଳି ରୋଉ ଥିଲେ ରାତିର କମ୍ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ରାତିରେ ତଳିକୁ ଠୁଙ୍ଗାରେ ଘୋଡାଇ ଦିଅନ୍ତୁ|
- ସୂର୍ଯ୍ୟମୁଖୀ ଫସଲ ବର୍ତ୍ତମାନ ୨୫-୩୦ ଦିନ ଅବଧିରେ ଅଛି। କୋଡାଖୋସା କରି ଘାସ ବାଛି ଯବକ୍ଷାରଜାନ ଯୁକ୍ତ ସାର କୁ ପ୍ରୟୋଗ କରନ୍ତୁ।
- ମାଟି ତଳେ ଆଳୁ ଭଲ ଭାବେ ବଢିବା ପାଇଁ ମାଟି ତାପମାତ୍ରା ୩୦°C ରୁ  କମ୍ ରହିବା ଉଚିତ। ତେଣୁ ଆଳୁ ଫସଲ ରେ ଜଳସେଚନ କରନ୍ତୁ ।
- କମ୍ ତାପମାତ୍ରା ଓ କୁହୁଡିଆ ପାଗ ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ର ପୋଡା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନ ରହିଛି । ଏହାର ନିରାକରଣ ବ୍ୟବସ୍ଥା କରନ୍ତୁ ।
- ଶୀତ ଋତୁ ରେ ଅଧିକ ଥଣ୍ଡା ସମୟ ରେ ଗାଈ ଗୁହାଳ ରେ ପୋଲିଥିନ କିମ୍ବା ଅଖା ଦ୍ୱାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ ।
- କୁକୁଡା ରଖିବା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା ୨୦୦ ୱାଟ ବଲ୍ ଲଗାନ୍ତୁ ।

**ଧାନ:**

ତଳିଘେରା ପରିଚାଳନା-

ଡାଲୁଅ ଧାନ ପାଇଁ କାଦୁଅ ତଳିଘେରା ପ୍ରସ୍ତୁତ କରନ୍ତୁ । ତଳିଘେରା ପାଇଁ ନିର୍ବାଚିତ ଜମିକୁ ୩ ରୁ ୪ ଓଡ ଚାଷ କରି ୨ ରୁ ୩ ଦିନ ପର୍ଯ୍ୟନ୍ତ ପାଣି ଭତି କରି ରଖନ୍ତୁ। ଏହା ପରେ ତଳିଘେରା କୁ ଭଲଭାବରେ କାଦୁଅ କରି ମଇ ଦେଇ ସମତୁଲ କରି ଦିଅନ୍ତୁ। ଶେଷ ଓଡ ଚାଷ ବେଳକୁ ୨୦୦ କିଲୋଗ୍ରାମ କମ୍ପୋଷ୍ଟ କିମ୍ବା ସଢା ଗୋବର ଖତ, ୪  କିଲୋଗ୍ରାମ DAP, ୪ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ତଳିଘେରା କୁ ସୁବିଧା ଅନୁସାରେ ଲମ୍ବା ରଖି ଛୋଟ ଛୋଟ ପଟାଳି କରନ୍ତୁ । ପଟାଳି ମଝିରେ ଜଳସେଚନ ପାଇଁ ୩୦ ସେ.ମି ଚଉଡା ନାଳି ରଖନ୍ତୁ । ପଟାଳିର ପ୍ରତି ବର୍ଗ ମିଟର ପିଛା ୪୦-୫୦ ଗ୍ରାମ ବିଶୋଧିତ ଗଜା ଧାନକୁ, ଧାଡିରେ ପ୍ରତି ୫ ସେ.ମି ବ୍ୟବଧାନ ରେ ବୁଣନ୍ତୁ।

ବିହନ ବିଶୋଧନ-

ଧାନ ବିହନ ବିଶୋଧନ କରିବା ପାଇଁ ପ୍ରତି କିଲୋଗ୍ରାମ ଧାନ ବିହନ ରେ ୨ ଗ୍ରାମ Carbendazim କିମ୍ବା ୩ ଗ୍ରାମ Carboxin ଏବଂ Thiram ର ମିଳିତ ଫିମ୍ପିନାଶକ ମିଶାଇ ବିଶୋଧନ କରନ୍ତୁ।

**ମୁଗ ଓ ବିରି :**

ପାଉଁଶିଆ ରୋଗ

ମୁଗ ଓ  ବିରି ଫସଲ ରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଏହି ରୋଗ ର ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି **Sulphur 80% WP** @ ୮୦୦ ଗ୍ରାମ କିମ୍ବା **Hexaconazole ୫% E.C** @ ୩୦୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଚିନାବାଦାମ:**

ପତ୍ର ସୁଡଙ୍ଗୀ ପୋକ

ଚିନାବାଦାମ ଫସଲ ରେ ପତ୍ର ସୁଡଙ୍ଗୀ ପୋକ ଲାଗିବାର ସମ୍ଭାବନା ଅଛି ।ଏହି ରୋଗ ର ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି Profenophos ୫୦% EC @ ୪୦୦ ମିଲି କିମ୍ବା Chlorpyriphos ୫୦% + Cypermethrin ୫ % E.C @ ୪୦୦ ମିଲି, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଆଖୁ:**

ଆଖୁ ଅମଳ ପାଇଁ ହାତ ବ୍ରିକ୍ସ ମିଟର ସାହାର୍ଯ୍ୟ ରେ ପରୀକ୍ଷା କରି ବ୍ରିକ୍ସ ମୂଲ୍ୟାଙ୍କ ୧୮ କିମ୍ବା ଅଧିକ ହେଲେ ଅମଳ କରିବା ଉଚିତ। ଆଖୁ ଫସଲକୁ ଜମି ପତ୍ତନ ଠାରୁ ଏକ ଇଞ୍ଚ ତଳକୁ, ଯେପରିକି ମାଟି ଉପରକୁ ଖୁଣ୍ଟା ଦେଖାଯିବ ନାହିଁ, ସେହିପରି କାଟିଲେ ମୂଳି ଆଖୁ ରେ ଗଜା ହୁଏ, ଗଛ ସଂଖ୍ୟା ଠିକ ରହେ ଓ ଅମଳ ଠିକ ମିଳେ ।  ଆଖୁ ଅମଳ ପରେ ପେଡିବା ଡେରି କଲେ ଆଖୁର ଓଜନ କମିବା ସହିତ ଶକବରା ଅଂଶ କମିଯାଇଥାଏ।

**ସୋରିଷ:**

ଆଗରୁ ବୁଣା ଯାଇଥିବା ସୋରିଷ ଫସଲରେ ଜଉ ପୋକ ଲାଗି ବାର ସମ୍ଭାବନା ଅଛି। ପ୍ରାଥମିକ ଅବସ୍ଥାରେ ଜଉ ପୋକ ର ପରିଚାଳନା ପାଇଁ ଏକର ପ୍ରତି 8-ଟି ହଳଦିଆ ଅଠାଯୁକ୍ତ ଯନ୍ତା ରଖନ୍ତୁ । ଜଉ ପୋକର ରାସାୟନିକ ପରିଚାଳନା ପାଇଁ ଏକର ପ୍ରତି 40-ଗ୍ରାମ Thiamethoxam ନାମକ କୀଟନାଶକ ଯାହାକି Actara ବା Areva ନାମରେ ମିଳୁଛି କିମ୍ବା 50-ଗ୍ରାମ Acetamiprid ନାମକ କୀଟନାଶକ ଯାହାକି Dhanpreet ବା Manik ନାମରେ ମିଳୁଛି, 200-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଟମାଟୋ:**

ଫଳ ବିନ୍ଧା ପୋକ

ଟମାଟୋ ଫସଲରେ ଫଳ ବିନ୍ଧା ପୋକ ର ଆକ୍ରମଣ ଦେଖାଦେଲେ ଏହାର ପରିଚାଳନା ପାଇଁ ପ୍ରଥମେ ଜମି ରୁ ଆକ୍ରାନ୍ତ ଫଳ ଗୁଡିକ ସଂଗ୍ରହ କରି ଦୂରରେ ନଷ୍ଟ କରି ଦିଅନ୍ତୁ। ଏହି କୀଟ ର ପରିଚାଳନ ପାଇଁ  ଏକର ପ୍ରତି Helilure ଥିବା ସଙ୍ଗ ଆକର୍ଷକ ଯନ୍ତା ରୁ ୨୦ ଟି ରଖନ୍ତୁ। ଟମାଟୋ ଫସଲରେ ଯଦି, ଶତକଡା ୧୦ ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଔଷଧ ପ୍ରୟୋଗ କରନ୍ତୁ। ଏହି ପୋକର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୮୦ ମିଲି chlorantraniliprole କିମ୍ବା ୪୦ ମିଲି Flubendiamide କିମ୍ବା ୨୦୦ ମିଲି  indoxacarb ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ।

**ଆଳୁ:**

ଆଳୁ ବିହନ ଲଗାଇବାର ୨୧ ଦିନ ପରେ ଘାସ ବାଛି କୋଡାଖୁସା କରନ୍ତୁ । ଗଛ ଠାରୁ ୩ ରୁ ୪ ସେମି ବ୍ୟବଧାନ ରେ ୨ ପାର୍ଶ୍ୱ ରେ ୨ ରୁ ୩ ସେମି ଗଭୀର ରେ ୨୬ କେଜି ୟୁରିୟା ଓ ୨୦ କେଜି ଏମ.ଓ.ପି କୁ ପ୍ରୟୋଗ କରି ମାଟି ଟେକି ଦିଅନ୍ତୁ । ଆଳୁ ରେ କଟା ପୋକ ଓ ପତ୍ର ଖିଆ ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି chlorpyriphos @ ୪୦୦ ମିଲି, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।

**ପିଆଜ:**

ଘେରାକଟା ରୋଗ

ତଳି ପଟାଳିରେ ଘେରାକଟା ରୋଗ ନ ହେବା ପାଇଁ, ବିହନ ଲଗେଇବା ପୂର୍ବରୁ ଏକ କିଲୋଗ୍ରାମ ବିହନରେ ୨ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ, ବିହନରେ ଗୋଳାଇ ବିଶୋଧନ କରନ୍ତୁ । ପିଆଜ ତଳି ୮ ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାଯାଏ।

**ବାଇଗଣ :**

ପତ୍ର ଖିଆ ଓ ଫଳ ବିନ୍ଧା ପୋକ

ବାଇଗଣ ରେ ପତ୍ର ଖିଆ ଓ ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି Emamectin benzoate @ ୮୦ ଗ୍ରାମ କିମ୍ବା

Spinosad @ ୮୦ ମିଲି , ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

ଫଳ ଓ କାଣ୍ଡ ବିନ୍ଧା ପୋକ

ବାଇଗଣ ରେ ଫଳ ଓ କାଣ୍ଡ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ପ୍ରାଥମିକ ସ୍ତର ରେ ଏକର ପ୍ରତି ନିମ୍ବ ଆଧାରିତ ତେଲ ୧୫୦୦ ପିପିଏମ @ ୬୦୦ ମିଲି ସିଂଚନ କରନ୍ତୁ । ପରେ Spinosad ୪୫% SC @ ୭୦ ମିଲି କିମ୍ବା Thiodicarb @ ୩୦୦ ଗ୍ରାମ, ୨୦୦ ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ଅଦଳବଦଳ କରି ସିଂଚନ କରନ୍ତୁ ।

ବନ୍ଧା କୋବି:

ବନ୍ଧା କୋବି ରେ ବର୍ତମାନ ପତ୍ର ଛନ୍ଦା ପୋକ ଓ ଧୂଆଁ ପତ୍ର ଗୋଟି ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ପରେ Emamectin benzoate @ ୭୦ ଗ୍ରାମ କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ।

ଗେଣ୍ଡୁ:

ଜୈବିକ ଉପାୟରେ ପତ୍ରଖିଆ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬ ଟି ଲେଖା ସଂଘ ଆକର୍ଷକ Pheromone ଯନ୍ତା Spodolure ବ୍ୟବହାର କରନ୍ତୁ କିମ୍ବା ଏକର ପ୍ରତି ୫ ଟି ଆଲୋକ ଯନ୍ତା ବସାନ୍ତୁ। ଏକର ପ୍ରତି ୫୦୦ ଗ୍ରାମ Bacillus Thuringiensis କିମ୍ବା ୧ କିଲୋଗ୍ରାମ Beauveria bassiana କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମି.ଲି Chlorpyriphos ଓ Cypermethrin ର ମିଳିତ କୀଟନାଶକ କିମ୍ବା ୩୦୦ ମି.ଲି Lambda Cyhalothrin ନାମକ କୀଟନାଶକ, ୨୦୦- ଲିଟର ପାଣିରେ ମିଶାଇ, ଉପରବେଳା ସିଂଚନ କରନ୍ତୁ।

ମତ୍ସ୍ୟ ସମ୍ପଦ:

ଶୀତ ଋତୁ ରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ । ଏହି ରୋଗମାନଙ୍କର ନିରାକରଣ ପାଇଁ ଏକ ଏକର ପୋଖରୀ ପ୍ରତି **CIFAX** @ ୪୦୦ ମିଲି ୪୦ ଲିଟର ପାଣି ରେ ମିଶାଇ ବିଶୋଧନ କରନ୍ତୁ । ପ୍ରତି ଦିନ ମାଛ ମାନଙ୍କୁ ତେଲ ପିଡିଆ ଖାଇବାକୁ ଦିଅନ୍ତୁ ।

ପଶୁ ସମ୍ପଦ:

ଶୀତଦିନେ PPR ରୋଗ 'ଛେଳିମହାମାରୀ' ଭାବରେ ମଧ ଜଣା ଶୁଣା | ଏହି ଭାଇରାଲ୍ ରୋଗ ଯାହା ଛେଳି ଏବଂ ମେଣ୍ଢା କୁ ପ୍ରଭାବିତ କରେ ଯାହା ହଠାତ୍, ନିମୋନିଆ ଏବଂ କାଶ ସୃଷ୍ଟି କରେ | ପ୍ରଭାବିତ ପଶୁ ମାନେ ଅସ୍ଥିର ଦେଖାଯାନ୍ତି, ଏକ ଅଳିଆ କୋଟ, ଶୁଖିଲା ମୁହଁ ଏବଂ ଉଦାସୀନ ଭୋକ ଏହି ରୋଗ ର ଲକ୍ଷଣ | ଗର୍ଭବର୍ତୀ ପ୍ରାଣୀ ଗର୍ଭ ପାତ କରି ପାରନ୍ତି | ତେଣୁ ପଶୁ ମାନଙ୍କୁ ଉଚିତ ଟୀକାକରଣ କରନ୍ତୁ |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧ୍ୟକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା, QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)